Archana Lohar
Junior Winner
Tarini Girl's High School, Ghatagaon
Keonjhar



## "ଡିଜିଟାଲ୍ ଟେକ୍ନୋଲୋଜୀ: କିପରି ଏହା ଆପଣଙ୍କ ଜୀବନରେ ସୁଧାର ଆଣିଥାଏ? ଆପଣଙ୍କ ମତରେ ଦେଷ ଓ ନାଗରିକଙ୍କ ବିକାଶ ପାଇଁ ଜିଡିଟାଲ୍ ଟେକ୍ନୋଲୋଜୀ କିପରି ହେବା ଉଚତ?"

- ସ୍ୱଳ୍ପ ସମୟରେ ବିଭିନ୍ନ କାର୍ଯ୍ୟ ହୋଇପାରୁଛି।
- Digital ସାକ୍ଷରଣ ଭାରତର ପ୍ରତ୍ୟେକ ଗ୍ରାମକୁ ପହଞ୍ଚି ଯାଉଛି।
- Broadband ଇଣ୍ଟରନେଟ୍ ର ସଂଯୋଗ ହେଉଛି।
- ଇଣ୍ଟରନେଟ୍ ଦ୍ୱାରା ଆମ୍ଭେମାନେ ବିଭିନ୍ନ ପ୍ରକାର ସୁବିଧା ପାଇଥାଉ।

ଭାରତ ଏକ ବିକାଶ ଶୀଳ ରାଷ୍ଟ୍ର। ଆମେରିକା ବିକଶିତ ରାଷ୍ଟ୍ର ହୋଇ ବିକାଶ ପ୍ରକ୍ରିୟା ଜାରି ରଖିଛି। ତେଣୁ ଭାରତ ମଧ୍ୟ D.T. (Digital Technology) ଭଳି ଉନ୍ନତ ମାନର ଜ୍ଞାନକୌଶଳ ର ବ୍ୟବହାର କରି ବିକଶିତ ହେବା ଉଚିତ୍। ବିଶ୍ୱର ଦଶଟି ପ୍ରମୁଖ ରାଷ୍ଟ୍ର (ଯଥା :- ରୁଷିଆ, ଚୀନ୍, ଆମେରିକା, ବ୍ରାଜିଲ୍, ଆଫ୍ରିକା, ଜର୍ମାନୀ, ଫ୍ରାନ୍ସ, ଅଷ୍ଟ୍ରେଲିଆ ଇତ୍ୟାଦି) ମଧ୍ୟରୁ ଭାରତ ଅର୍ଥନୈତିକ, ଜନସଂଖ୍ୟା, କୃଷି, ସାମରିକ ଶକ୍ତି ଭଳି ଗୁରୁତ୍ୱପୂର୍ଣ୍ଣ ଦିଗରେ ସ୍ଥାନ ପାଇଛି। ଏହା ସତ୍ତ୍ୱେ ଆଜିପର୍ଯ୍ୟନ୍ତ ଭାରତରେ ଉନ୍ନତ ଜ୍ଞାନ କୌଶଳ ର ଅଭାବ ରହିଛି। Digital Technology (D.T.) ର ବ୍ୟବହାର ଭାରତକୁ ଅଧିକ ଶକ୍ତିଶାଳୀ, ସମୃଦ୍ଧ, ଶ୍ରେଷ୍ଠ ଏବଂ ନବ ନିର୍ମାଣ କରିବାରେ ସହାୟକ ହୋଇଛି।

Digital Technology ର ଯନ୍ତ୍ର ଉପକରଣ - ଟେଲିଭିଜନ, କମ୍ପ୍ୟୁଟର, ମୋବାଇଲ୍ ଫୋନ୍ ଦ୍ୱାରା ମାନବ ଜୀବନ ରେ ଏହି ପ୍ରକାର ସୁଧାର ଆଣିଥାଏ। ଯଥା :- ଟି.ଭି ଦ୍ୱାରା: -

୧. ବିଭିନ୍ନ ଦେଶ ବିଦେଶ, ଜାତୀୟ ଅର୍ନ୍ତଜାତୀୟ, ସାଂସ୍କୃତିକ କାର୍ଯ୍ୟକ୍ରମ ଦ୍ୱାରା ଆମେ ଆମ ଦେଶ ର ବିଭିନ୍ନ ପରମ୍ପରା ବିଷୟ ଜ୍ଞାନ ଅର୍ଜନ କରିଥାଉ।

୨. ଟି.ଭି. ଦ୍ୱାରା ପ୍ରାକୃତିକ ବିପର୍ଯ୍ୟ ବିଷୟ ରେ ସତର୍କ କରାଯାଏ।

କମ୍ପ୍ୟୁଟର:-

୧. ଏହା ଦ୍ୱାରା ଡିଜିଟାଲୀ ମିଡିଆ (ଇଣ୍ଟରନେଟ୍) ଦ୍ୱାରା ଶିକ୍ଷା ଭିତ୍ତିକ ସୂଚନା, ନିଯୁକ୍ତି ସୂଚନା, ବିଭିନ୍ନ ପ୍ରକାର ର ସୂଚନା ସଂଗ୍ରହ କରାଯାଏ।

୨. ଏହା ଦ୍ୱାରା ସ୍ୱାସ୍ଥ୍ୟ କ୍ଷେତ୍ର ରେ ବିଭିନ୍ନ ପ୍ରକାରର ଚିକିତ୍ସା କରାଯାଏ

ମୋବାଇଲ୍ ଫୋନ୍:-

୧. ଦୂରଦୂରାନ୍ତରରେ ଥିବା ବ୍ୟକ୍ତି ସହ ଯୋଗାଯୋଗ ବ୍ୟବସ୍ଥା / ସମ୍ପର୍କ ଶ୍ରୀଘ୍ର ଏବଂ ସହଜ ହୋଇପାରୁଛି।

୨. ଆଜିକାଲି ବ୍ୟବହୃତ ହେଉଥିବା ଉନ୍ନତମାନ ର ମୋବାଇଲ୍ ଫୋନ୍ ଦ୍ୱାରା ବିଭିନ୍ନ ପ୍ରକାର ର ସୁବିଧା ଉପଲବ୍ଧି ହେଉଛି।

ଏହିପରି ଭାବରେ ଡିଜିଟାଲ ଟେକ୍ନୋଲୋଜୀ ଦ୍ୱାରା ପ୍ରତ୍ୟେକ କାର୍ଯ୍ୟ ଶ୍ରୀଘ୍ର ଏବଂ ସହଜରେ ହୋଇପାରୁଛି।

ମୋ ମତରେ,

ସର୍ବ ପ୍ରଥମେ, ଡିଜିଟାଲ ଟେକ୍ନୋଲୋଜୀ ର ପ୍ରସାର ପ୍ରତ୍ୟେକ ବର୍ଗ ର ଲୋକ ମାନଙ୍କ ପାଖରେ ପହଞ୍ଚିବା ଆବଶ୍ୟକ। ଡିଜିଟାଲ ଟେକ୍ନୋଲୋଜୀ ର ପ୍ରସାର ସ୍କୁଲ୍ ସ୍ତର ରେ ହେବା ଆବଶ୍ୟକ। ଡିଜିଟାଲ ଟେକ୍ନୋଲୋଜୀ ର ବହି ଏବଂ ଡିଜିଟାଲ୍ ଟେକ୍ନୋଲୋଜୀ ଭିତ୍ତିକ ଜ୍ଞାନ ପିଲାମାନଙ୍କୁ ଶିକ୍ଷା ଦେବା ଉଚିତ୍।

ଡିଜିଟାଲ ଟେକ୍ନୋଲୋଜୀ ଦ୍ୱାରା ନାଗରିକ ମାନଙ୍କର ବିଶେଷ ସୁବିଧା ହୋଇଥାଏ। ଯଥା ;-

୧. ଡିଜିଟାଲ ଟେକ୍ନୋଲୋଜୀ ଭିତ୍ତିକ ନିଯୁକ୍ତି।

୨. ଶିଳ୍ପ କ୍ଷେତ୍ର ରେ ନିଯୁକ୍ତି

୩. ଭାରତରେ ପ୍ରମୁଖ ଶିଳ୍ପ କମ୍ପାନୀ TATA ଗ୍ରୁପ୍ସ୍, RIL, I.T (Technology) ଟେକ୍ନୋଲୋଜୀ ରେ ନିଯୁକ୍ତି ପାଇଥାନ୍ତି।

୪. (D.T) ଡିଜିଟାଲ ଟେକ୍ନୋଲୋଜୀ ଦ୍ୱାରା ନାଗରିକ ମାନଙ୍କ ପାଇଁ ବିଦେଶ ରୁ ନିଯୁକ୍ତି, ଇଣ୍ଟରନେଟ୍ ଦ୍ୱାରା ଆନ୍ତର୍ଜାତିକ ସ୍ତର ରେ ବିଭିନ୍ନ ସୂଚନା ପାଇ ପାରୁଛନ୍ତି।

୫. I.T (Technology) ଟେକ୍ନୋଲୋଜୀ ଦ୍ୱାରା ଦେଶର ବିଶେଷ ଉନ୍ନତି ହୋଇଥାଏ।

୬. I.T (Technology) ଟେକ୍ନୋଲୋଜୀ ବିଭିନ୍ନ ଦିଗରେ ଦେଶକୁ ସମୃଦ୍ଧ କରେ। ଯଥା :-

ସ୍ୱାସ୍ଥ୍ୟ କ୍ଷେତ୍ର

ଶିକ୍ଷା କ୍ଷେତ୍ର

ପ୍ରତି ରକ୍ଷା

କୃଷି କ୍ଷେତ୍ର

ଶିଳ୍ପ କ୍ଷେତ୍ର

ପ୍ରଶାସନିକ କ୍ଷେତ୍ର ଇତ୍ୟାଦି

୭. I.T (Technology) ଟେକ୍ନୋଲୋଜୀ ର ବିକାଶ ପାଇଁ ଭାରତୀୟ କମ୍ପାନୀ ଯଥା :- TATA, ରିଲିଆନ୍ସ, I.T. Technology ଇତ୍ୟାଦି ପ୍ରମୂଖ କାରଣ।

୮. ସାମରିକ କ୍ଷେତ୍ର ରେ ଅଣୁ ପରମାଣୁ ଏବଂ ବିଭିନ୍ନ ଯୁଦ୍ଧାସ୍ତ୍ର (D.T) ଡିଜିଟାଲ୍ ଟେକ୍ନୋଲୋଜୀ ଦ୍ୱାରା ନିୟନ୍ତ୍ରଣ ହୋଇଥାଏ।

୯. ବିମାନ ସେବା ମଧ୍ୟ (D.T) ଡିଜିଟାଲ୍ ଟେକ୍ନୋଲୋଜୀ ଦ୍ୱାରା ନିୟନ୍ତ୍ରଣ ହୋଇଥାଏ।


Oriya

## ‘‘ଡିଜିଟାଲ୍ ଟେକ୍ନୋଲୋଜୀ: କିପରି ଏହା ଆପଣଙ୍କ ଜୀବନରେ ସୁଧାର ଆଣିଥାଏ? ଆପଣଙ୍କ ମତରେ ଦେଷ ଓ ନାଗରିକଙ୍କ ବିକାଶ ପାଇଁ ଜିଡିଟାଲ୍ ଟେକ୍ନୋଲୋଜୀ କିପରି ହେବା ଉିଚତ?’’

ମୂଖ୍ୟତଃ – କୃଷି ବିପ୍ଳବ, ଶିଳ୍ପବିପ୍ଳବ ଏବଂ Digital ବିପ୍ଳବ ଦ୍ୱାରା ହୋଇଥାଏ। Digital ବିପ୍ଳବ ଦ୍ୱାରା ମୂଖ୍ୟତଃ Digital logic circuits କମ୍ପ୍ୟୁଟର, Digital cellular fone and internet ର ବ୍ୟବହାର ଏବଂ ପ୍ରସାର ହୋଇଥାଏ। ବର୍ତ୍ତମାନ ମାନବ ସଭ୍ୟତା ର ମୂଖ୍ୟ ଆବଶ୍ୟକତା ସ୍ୱଳ୍ପ ସମୟରେ ଅଧିକ କାର୍ଯ୍ୟ କରିବା। ଏଥିପାଇଁ ବିଭିନ୍ନ ପ୍ରକାର ଜ୍ଞାନକୌଶଳ ର ଆବଶ୍ୟକତା ରହିଛି। ଆନ୍ତର୍ଜାତିକ ସ୍ତରରେ ପ୍ରତ୍ୟେକ ଦେଶ ଦେଶ ମଧ୍ୟରେ ନିଯୁକ୍ତି ଶ୍ରେଷ୍ଠ ଏବଂ ଶକ୍ତିଶାଳୀ ପ୍ରମାଣ କରିବା ପାଇଁ ପ୍ରତିଯୋଗିତା ଲାଗିରହିଛି। ଏଥିପାଇଁ ଉନ୍ନତ ମାନର ଜ୍ଞାନକୌଶଳର ଆବଶ୍ୟକତା ରହିଛି। ଭାରତ ଏକ ଆଣବିକ ଶକ୍ତି ସମ୍ପନ୍ନ ରାଷ୍ଟ୍ର ହୋଇଥିବାରୁ ଭାରର ମଧ୍ୟ D.T. ବ୍ୟବହାର କରିବା ଉଚିତ୍।

ଆଧୁନିକ ଜ୍ଞାନକୌଶଳ ଦ୍ୱାରା ହିଁ ଶକ୍ତିଶାଳୀ ଓ ସମୃଦ୍ଧ ଦେଶ ହେବା ସମ୍ଭବ। ୨ ୦ ୧ ୫ ମସିହା ଜୁଲାଇ ୧ ତାରିଖ ଦିନ ଭାରତର ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଦାମୋଦନ ଦାସ ମୋଦି ଇନ୍ଦିରା ଗାନ୍ଧୀ Indor ଷ୍ଟାଡିୟମ୍ ନୂଆଦିଲ୍ଲୀ ଠାରେ D.T. (Digital Technology) ଉପସ୍ଥାପନ କରିଥିଲେ।

D.T. (Digital Technology) ର ଆବଶ୍ୟକତା / ଲକ୍ଷ୍ୟ। ଯଥା :-

- ପ୍ରତ୍ୟେକ ନାଗରିକ ଙ୍କର ଜୀବନ ଶୈଳି ରେ ପରିବର୍ତ୍ତନ ଘଟୁଛି।
- ଭାରତକୁ ନବ ନିର୍ମାଣ କରିହେବ।
- I.T ର ନିଯୁକ୍ତି
- ଇଣ୍ଟରନେଟ୍ ସେବା ଯୋଗାଇବା।
- E – kranti (Electronic Delivery of Service)
- ଦେଶର ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ମାନଙ୍କୁ ଇଣ୍ଟରନେଟ୍ ଦ୍ୱାରା ସଂଯୋଗ କରିବା।
- Electronic ନିର୍ମାଣ କରିବା।
- E – Goverance
- ଭାରତ ରେ ଅଧିକାଂଶ ଅଂଚଳ "Digital India Program" ଦେଖିବା ଦ୍ୱାରା ଅଧିକ ଉତ୍ସାହିତ ଏବଂ Digital ବ୍ୟବହାର ଜାଣୁଛନ୍ତି।
- ଜନ ସାଧାରଣ ଙ୍କର ଜୀବନଶୈଳୀରେ ପରିବର୍ତ୍ତନ ବା ଉନ୍ନତି ଆଣିବା D.T. (Digital Technology) ପାଇଁ ବ୍ୟବହୃତ ହୁଏ।
- ଭାରତର ଅଧିକାଂଶ ଅଂଚଳ ବା ପ୍ରତ୍ୟେକ ଜନ ବସତି ରେ ବାସ କରୁଥିବା ମଧ୍ୟମ ଶ୍ରେଣୀ ର ଲୋକମାନେ Digital ଦ୍ୱାରା ନିର୍ମିତ ହାତଯନ୍ତ୍ର ଏବଂ ମୋବାଇଲ୍ ଫୋନ୍ ବ୍ୟବହାର କରୁଛନ୍ତି।

ବିଜ୍ଞାନ ର ଉନ୍ନତି ହିଁ ମାନବ ସଭ୍ୟତା ର ପ୍ରଗତି। ସମୟ ଓ ପରିସ୍ଥିତି କୁ ବୁଝି ବିଜ୍ଞାନ ଏବଂ ଜ୍ଞାନକୌଶଳ କୁ ବ୍ୟବହାର କରି ମାନବ ସଭ୍ୟତା ଆଜି ବିଶ୍ୱକୁ ନବନିର୍ମାଣ କରିପାରିଛି।

ମନୁଷ୍ୟ ର ବିଭିନ୍ନ ପ୍ରକାର ତ ଉନ୍ନତି ପଛରେ ପ୍ରମୁଖ କାରଣ ଥାଏ। ପ୍ରତ୍ୟେକ ମନୁଷ୍ୟ ନିଜକୁ ଶ୍ରେଷ୍ଠ ବୋଲି ପ୍ରମାଣ କରିବା ପାଇଁ ଇଚ୍ଛା ପ୍ରକାଶ କରିଥାଏ। ନିଜକୁ ଶ୍ରେଷ୍ଠ ପ୍ରମାଣ କରିବା, ନିଜର କର୍ତ୍ତୁତ୍ୱ ସାବ୍ୟସ୍ତ କରିବା ଇତ୍ୟାଦି ବିଜ୍ଞାନ ଦ୍ୱାରା ମାନବ ସଭ୍ୟତା ର ସମ୍ପୂର୍ଣ୍ଣ ପରିବର୍ତ୍ତନ ହୋଇଛି।

ବର୍ତ୍ତମାନର ବିଶ୍ୱକୁ "Technology World"କୁହାଯାଉଛି। ବିଜ୍ଞାନ ଯଦି ମନୁଷ୍ୟ ପାଇଁ ଆବଶ୍ୟକ ହୁଏ , ତେବେ 'Technology' ମଧ୍ୟ ମନୁଷ୍ୟ ପାଇଁ ଆବଶ୍ୟକତା। ଆମେରିକୀୟ ଇଞ୍ଜିନିୟର ମାନେ ବିଂଶ ଶତାବ୍ଦୀର ମଧ୍ୟ ଭାଗରେ "Digital Technology" ର ଉନ୍ନତି ଆରମ୍ଭ କରିଥିଲେ। Digital Technology ର କାର୍ଯ୍ୟଧାରା ୨ ପ୍ରକାର ର ଯଥା :- ୦ ଓ ୧ ର ସଂଯୋଗ। ଏହାକୁ bits କୁହାଯାଏ। ଯାହାକି ଶବ୍ଦ ଓ ଛବି ରୂପ ରେ ଦୃଶ୍ୟମାନ ହୋଇଥାଏ। ଏହାକୁ ତୃତୀୟ ଶିଳ୍ପ ବିପ୍ଳବ କୁହାଯାଏ। Analong mechanical and electronic Technology କୁ Digital Technology ରେ ପରିବର୍ତ୍ତନ କରାଯାଏ।

୧ ୯ ୫ ୦ ରୁ ୧ ୯ ୭ ୦ ମସିହା ମଧ୍ୟରେ ବିଶ୍ୱର ପ୍ରତ୍ୟେକ ରାଷ୍ଟ୍ର ରେ ଏହାର (Digital Technology) ର ବ୍ୟବହାର ଏବଂ ପ୍ର ର ଜାଣିଥିଲେ। ବିଶ୍ୱର ପରିବର୍ତ୍ତନ ମୋ ମତରେ,

ଡିଜିଟାଲ୍ ତେକ୍ନୋଲୋଜୀ ଏହିଭଳି ହେବା ଆବଶ୍ୟକ, ଯେଭଳି ଏହା ଦେଶକୁ ଆହୁରି ଅଧିକ ସମୃଦ୍ଧ ଏବଂ ଉନ୍ନତ କରି ଗଢି ପାରିବ। ଏବଂ ଏହି ଦେଶକୁ ‘‘ ଡିଜିଟାଲ୍ ଟେକ୍ନୋଲୋଜୀ ର ଦେଶ ’’ ରୂପରେ ପରିଗଣିତ କରିବ। ତେଣୁ ଡିଜିଟାଲ୍ ଟେକ୍ନୋଲୋଜୀ ସର୍ବତ୍ର ଆଦୃତ ହେବା ଆବଶ୍ୟକ ଏବଂ ଏହାକୁ ସମସ୍ତେ ବ୍ୟବହାର କରିବା ଉଚିତ୍।

ମୋର ଅଭିଳାଷ ଯେ ଦିନେ ମୋ ଦେଶ ନାଗରିକ ମାନଙ୍କ ପ୍ରଚେଷ୍ଟାକୁ ‘‘ ଡିଜିଟାଲ୍ ଟେକ୍ନୋଲୋଜୀ ର ଦେଶ ’’ ରୂପରେ ପରିଗଣିତ ହେବ।

( ଲିଖନ ରେ କୌଣସି ଭୁଲ ଥିଲେ କ୍ଷମା ପ୍ରାର୍ଥନା କରୁଛି )